ମୁଖ୍ୟ ଖବର

About Us | Feedback | Guestbook | Contact Us

Saturday,08 Oct 2005

Search

ଖବର

- ମୁଖ୍ୟ ଖବର
- ଆଞ୍ଚଳିକ
- ଜାତୀୟ
- ଆନ୍ତର୍ଜାତୀୟ
- ବିଜ୍ଞାନ
- ଖେଳ
- ପାଣିପାଗ
- ସ୍ୱାସ୍ଥ୍ୟ
- ସମ୍ପାଦକୀୟ
- ସମ୍ପାଦକଙ୍କୁ ପତ୍ର

ରବିବାର

- ସ୍ୱତନ୍ତ୍ର ପ୍ରସଙ୍ଗ
- କଳା ଓ ସଂସ୍କୃତି
- କଲକାତା କିଛି କଥା
- ଦିଲ୍ଲୀ ଦରବାର

Classified

- Matrimonials
- Appointments
- Entertainment
- Subscriptions
- Advertisements

## ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ପ୍ରସଙ୍ଗ: ଆମେରିକାରୁ ପ୍ରତିବାଦର ସ୍ୱର ଉଠିଲା; ନବୀନ କିନ୍ତୁ ନିରବ

ଭୁବନେଶ୍ୱର (ସ.ପ୍ର.)-ଭୁବନେଶ୍ୱର ସମେତ ଦେଶର ଚାରୋଟି ସ୍ଥାନରେ ଚାରିଟି ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ଖୋଲିବା ପାଇଁ ପୂର୍ବତନ ଏନ.ଡ଼ି.ଏ. ସରକାର ଘୋଷଣା କରିଥିବାବେଳେ ବର୍ତ୍ତମାନର ୟୁପିଏ ସରକାର ଭୁବନେଶ୍ୱରକୁ ବାଦ୍‌ଦେଇ ଅନ୍ୟ ଦୁଇଟି ସ୍ଥାନରେ ଏହି ପ୍ରତିଷ୍ଠାନ ଖୋଲିବା ପାଇଁ ନିଷ୍ପତ୍ତି ନେବା ଘଟଣା ରାଜ୍ୟ ତଥା ରାଜ୍ୟ ବାହାରର ଓଡ଼ିଆ ବୁଦ୍ଧିଜୀବୀମାନଙ୍କୁ ବିସ୍ମିତ କରିଛି । ଆମ ରାଜ୍ୟରେ ଏହି ବିଜ୍ଞାନ ପ୍ରତିଷ୍ଠାନ ଖୋଲାଯାଇଥିଲେ ଏହା ରାଜ୍ୟର ମେଧାବୀ ଛାତ୍ର ଓ ଗବେଷକମାନଙ୍କ ପାଇଁ ସହାୟକ ହୋଇଥାନ୍ତା ତଥା ରାଜ୍ୟ ବାହାରକୁ ପ୍ରତିଭା ଚାଲାଣ ହୋଇନଥାନ୍ତା । କିନ୍ତୁ ବର୍ତ୍ତମାନର କେନ୍ଦ୍ର ସରକାର ରାଜ୍ୟ ପ୍ରତି ପୁଣି ଉପେକ୍ଷା କରି ଏହି କେନ୍ଦ୍ରକୁ ଆମ ରାଜ୍ୟରୁ ଉଠାଇଦେବାକୁ ନିଷ୍ପତ୍ତି ନେଲେ । ସୂଚନାଯୋଗ୍ୟ ଯେ ଦୁଇମାସ ତଳେ ଯେତେବେଳେ ଏହି ନିଷ୍ପତ୍ତି ବିଷୟ ଜଣାଗଲା ଗତ ଅଗଷ୍ଟ ୧୭ ତାରିଖରେ ପ୍ରଥମେ 'ସମାଜ' ଏହା ଲୋକଲୋଚନକୁ ଆଣିବାରେ ସଫଳ ହୋଇଥିଲା ଏବଂ ଲଗାତାର ତିନିଦିନ ଏହା ଉପରେ ସ୍ୱତନ୍ତ୍ର ରିପୋର୍ଟ ପ୍ରକାଶ କରିଥିଲା; କିନ୍ତୁ ଦୁଃଖର ବିଷୟ ଯେ ଆମ ରାଜ୍ୟ ସରକାର କୌଣସି ପ୍ରତିବାଦ କିମ୍ବା ପ୍ରତିକ୍ରିୟା ପ୍ରକାଶ ନକରିବାରୁ କେନ୍ଦ୍ର ସରକାର ଏହି ପ୍ରସଙ୍ଗରେ କୌଣସି ପଦକ୍ଷେପ ଗ୍ରହଣ କଲେ ନାହିଁ । ଫଳରେ ରାଜ୍ୟ ପାଇଁ ବରଦାନ ସଦୃଶ ଆସିଥିବା ଏହି ପ୍ରତିଷ୍ଠାନ ଏବେ ରାଜ୍ୟ ବାହାରକୁ ଚାଲିଗଲା । ସୂଚନାଯୋଗ୍ୟ ଯେ 'ସମାଜ' ଏହି ଖବର ଆଗୁଆ ଜାଣିପାରି ଅଗଷ୍ଟ ୧୭ ତାରିଖରେ ରାଜ୍ୟ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏହି ସମ୍ବାଦ ପରିବେଷଣ କରିଥିବାବେଳେ ପ୍ରଧାନମନ୍ତ୍ରୀ ଡଃ ମନମୋହନ ସିଂହ ସେପ୍ଟେମ୍ବର ୨୮ ତାରିଖରେ ଏହି କେନ୍ଦ୍ର ଉଠାଇନିଆଯାଇଥିବା ବିଷୟ ଘୋଷଣା କରିଥିଲେ । ପ୍ରକାଶ ଯେ ତତ୍କାଳୀନ କେନ୍ଦ୍ର ସରକାରଙ୍କ ମାନବସମ୍ବଳ ବିକାଶ ମନ୍ତ୍ରୀ ମୁରଲୀ ମନୋହର ଜୋଷୀ ଭୁବନେଶ୍ୱର ସମେତ ପୁଣେ, ଚେନ୍ନଇ ଓ ଆହ୍ଲାବାଦରେ ୪ଟି ବିଜ୍ଞାନ ପ୍ରତିଷ୍ଠାନ ଖୋଲିବା ପାଇଁ ନିଷ୍ପତ୍ତି ଘୋଷଣା କରିଥିଲେ । କିନ୍ତୁ କେଉଁ ରହସ୍ୟମୟ କାରଣରୁ କେଜାଣି ବର୍ତ୍ତମାନର କେନ୍ଦ୍ର ସରକାର ଏହି ନିଷ୍ପତ୍ତିକୁ ପରିବର୍ତ୍ତନ କରି ପୁଣେ ଓ କଲକାତାରେ ଦୁଇଟି ପ୍ରତିଷ୍ଠାନ ଖୋଲିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ପୂର୍ବ ସରକାର ଏହାକୁ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ନାମ ଦେଇଥିବାବେଳେ ବର୍ତ୍ତମାନର ସରକାର ଏହାକୁ ବଦଳାଇ ଦେଇ ତାହାର ନାମ ଭାରତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ ରଖିଛନ୍ତି । କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତି ତଥା ରାଜ୍ୟ ସରକାରଙ୍କ ଉଦାସୀନତାକୁ ବର୍ତ୍ତମାନ ବିଶିଷ୍ଟ ବୁଦ୍ଧିଜୀବୀମାନେ ତୀବ୍ର ନିନ୍ଦା କରିବା ସହିତ ଶେଷରେ ଜନମତ ଜାଗ୍ରତ କରିବା ପାଇଁ ନିଜ ତରଫରୁ ଉଦ୍ୟମ ଆରମ୍ଭ କରିଛନ୍ତି । ଆମେରିକାରେ ବସବାସ କରୁଥିବା ବିଶିଷ୍ଟ ପ୍ରବାସୀ ଓଡ଼ିଆମାନେ ଏହି ଅଭିଯାନରେ ସାମିଲ ହୋଇଛନ୍ତି । ଆମେରିକା ଓଡ଼ିଆ ସମାଜର ଉପସଭାପତି ଧୀରେନ୍ଦ୍ର କର ପ୍ରତ୍ୟେକ ଓଡ଼ିଆଙ୍କୁ ଜାଗ୍ରତ କରି ପ୍ରଧାନମନ୍ତ୍ରୀଙ୍କ ନାମରେ ଖୋଲା ଚିଠି ଲେଖି ପ୍ରତିବାଦ କରିବା ପାଇଁ ଆହ୍ୱାନ ଦେଇଛନ୍ତି । ସେ ଏଥିପାଇଁ ଏକ ପ୍ରୋଫର୍ମା ତିଆରି କରିଛନ୍ତି ଓ ତାକୁ ଇଣ୍ଟରନେଟ୍‌ରେ ଛାଡ଼ିଛନ୍ତି । ପ୍ରତ୍ୟେକ ବ୍ୟକ୍ତି ନିଜ ନିଜର ପ୍ରତିକ୍ରିୟା ଓ ପ୍ରତିବାଦ ପ୍ରଧାନମନ୍ତ୍ରୀ ଏବଂ କଂଗ୍ରେସ ସଭାପତିଙ୍କ ନିକଟକୁ ପଠାଇବା ସକାଶେ ସେ ସେମାନଙ୍କ ଠିକଣା ମଧ୍ୟ ପ୍ରଦାନ କରିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଠିକଣା ହେଉଛି : ଡଃ ମନମୋହନ ସିଂହ, ସାଉଥ ବ୍ଲକ, ରାଇସିନା ହିଲ, ନୂଆଦିଲ୍ଲୀ-୧୧୦୦୧୧, ଫାକ୍ସ-୦୧୧-୨୩୦୧୯୫୪୫/୨୩୦୧୬୮୫୭ ଇମେଲ୍-କ୍ମଙ୍କସଭୟସବ.ଭସମ.ସଭ./ଙ୍କ୍ୱସପ୍ବର.ଷପ୍ୱଙ୍କ କିମ୍ବା ଶ୍ରୀମତୀ ସୋନିଆ ଗାନ୍ଧି, ସଭାପତି ଭାରତୀୟ ଜାତୀୟ କଂଗ୍ରେସ, ୨୪, ଆକବର ରୋଡ୍, ନୂଆଦିଲ୍ଲୀ-୧୧୦୦୧୧, ଫାକ୍ସ-୦୧୧-୨୩୦୧୭୦୪୭ ଇମେଲ୍-ବସମମଅମକ୍ଟଭଶକ୍ୱରପ୍ୱପ୍ୱ.କ୍ଟକ୍ୱଶ.ସଭ ଏଠାରେ ଉଲ୍ଲେଖ କରାଯାଇପାରେ ଯେ ରାଜ୍ୟର ହିତ ଦୃଷ୍ଟିରୁ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନକୁ ରାଜ୍ୟ ସରକାର କିପରି





Ph



ହାତଛଡ଼ା କରି କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଗଲେ ? କଳକାରଖାନା ସ୍ଥାପନା ପାଇଁ ଖଣି ଲିଜ୍ ଦେବାରେ ବ୍ୟସ୍ତ ଥିବା ସରକାର ଗବେଷଣା ଓ ପ୍ରାୟୋଗିକ ବିଦ୍ୟା ପାଇଁ ଏକାନ୍ତ ଆବଶ୍ୟକ ଏହି ପ୍ରତିଷ୍ଠାନ କ୍ଷେତ୍ରରେ ନୀରବରେ ବସିଯିବା ସରକାରଙ୍କ ଆନ୍ତରିକଶୂନ୍ୟତାକୁ ହିଁ ପ୍ରକଟ କରୁଛି । ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପିତା ବିଜ୍ଞାନ ଓ ବୈଷୟିକ ଜ୍ଞାନର ପ୍ରସାର ନିମନ୍ତେ କଳିଙ୍ଗ ପୁରସ୍କାର ସ୍ଥାପନାଠାରୁ ବହୁ ଉଦ୍ୟମ କରିଥିବାବେଳେ ତାଙ୍କ ପୁତ୍ରଙ୍କ ଉଦାସୀନତା ରାଜ୍ୟବାସୀଙ୍କ ପାଇଁ ଅଶେଷ ପୀଡ଼ାର କାରଣ ହୋଇଛି ।

Samaja Relief

About Us Contact Us Feedback Guest Book

The site is best viewed in 800x600 Resolution and in Internet Explorer 5.0 and above.

©2003 THE SAMAJA Estd.1919 (Servants of People Society)